ନାରୀ ପ୍ରସଙ୍ଗ

ଓଡିଶା ରାଜ୍ୟ ବାଳିକା ଓ ମହିଳା ନୀତି, ୨୦୧୪ ଓ ଏହାର ବୈଶିଷ୍ଟ୍ୟ

ରାଜ୍ୟର ବାଳିକା ଓ ମହିଳାମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ଏକ ବିସ୍ତୃତ ଓ ସକ୍ରିୟ କାର୍ଯ୍ୟଧାରା ଆରମ୍ଭ କରିବା ଦିଗରେ ଓଡିଶା ରାଜ୍ୟ ବାଳିକା ଓ ମହିଳା ନୀତି ପ୍ରଣୟନ କରାଯାଇଛି। ଏହା ଏପରି ଏକ ଦସ୍ତାବିଜ୍, ଯାହା ସକ୍ରିୟ ଓ ନିର୍ଦ୍ଦିଷ୍ଟ ସମସ୍ୟାଗୁଡିକୁ ଉପସ୍ଥାପିତ କରିବା ସହ ଏକ ନିର୍ଦ୍ଧାରିତ ପଦ୍ଧତି ମଧ୍ୟ ଦେଇ ସମସ୍ୟାର ସଠିକ୍ ସମାଧାନ କରିପାରିବ । ଏହି ନୀତି ବିଭିନ୍ନ ମତାମତକୁ ଗୁରୁତ୍ୱ ଦେଇ ଡେସ୍କ ସମୀକ୍ଷା, ଜାତୀୟ ଏବଂ ଅନ୍ୟ ରାଜ୍ୟର ମହିଳା ଓ ବାଳିକାମାନଙ୍କ ନିମନ୍ତେ ପ୍ରଣୀତ ହୋଇଥିବା ନୀତିର ସମୀକ୍ଷା ତଥା ଏହାର ବିଭିନ୍ନ ଅଂଶୀଦାରମାନଙ୍କ ସହ ପର୍ଯ୍ୟାୟଗତ ଆଲୋଚନାର ନିର୍ଯ୍ୟାସରୁ ପ୍ରଣୟନ କରାଯାଇଛି । ଜୀବନ ଚକ୍ର ଆଧାରରେ ବାଳିକା ଓ ମହିଳାମାନଙ୍କ ଜନ୍ମ, ଶୈଶବ, କୈଶୋର, ବୟସ୍କ ଓ ବୃଦ୍ଧାବସ୍ଥାର ଉଦ୍‌ବେଗକୁ ଦୃଷ୍ଟିରେ ଏହି ନୀତି ପ୍ରଣୀତ ହୋଇଛି ।

ଏହି ନୀତି ଜୀବନଧାରଣ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ, ଶିକ୍ଷା, ଜୀବିକା (ଆନୁଷ୍ଠାନିକ ଏବଂ ଅଣଆନୁଷ୍ଠାନିକ କ୍ଷେତ୍ରରେ ଥିବା ମହିଳାଙ୍କ ନିମନ୍ତେ) ସଂପତ୍ତି ମାଲିକାନା, ନିଷ୍ପତ୍ତି ଗ୍ରହଣ, ଅଂଶଗ୍ରହଣ ଏବଂ ରାଜନୈତିକ ପ୍ରତିନିଧିତ୍ୱ, ସୁରକ୍ଷା, ନିରାପତ୍ତା ତଥା ସ୍ୱତନ୍ତ୍ର ଆବଶ୍ୟକତା ଅନୁଭବ କରୁଥିବା ବାଳିକା ଓ ମହିଳାମାନଙ୍କୁ ଦୃଷ୍ଟିରେ ରଖି ୭ଗୋଟି କେନ୍ଦ୍ରିତ ବିଭାଗରେ ବିଭକ୍ତ ହୋଇଛି ।

ବାଳିକା ଏବଂ ମହିଳାମାନଙ୍କ ନିମନ୍ତେ ବର୍ଦ୍ଧିତ ସାମର୍ଥ୍ୟ ସୃଷ୍ଟି ଏବଂ ବଳିଷ୍ଠ ଆନୁଷ୍ଠାନିକ ଓ ନ୍ୟାୟିକ କାର୍ଯ୍ୟଧାରା ଉପରେ ଏହି ନୀତି ଗୁରୁତ୍ୱ ଦିଏ । ବିଭିନ୍ନ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ବ୍ୟବସ୍ଥା ଦ୍ୱାରା ଯୋଜନା ପ୍ରଣୟନ ଓ ରୂପାୟନ ପାଇଁ ଏହି ନୀତି ଏକ ବିସ୍ତାରିତ ପଥପ୍ରଦର୍ଶକ ପଦ୍ଧତି ରୂପେ କାର୍ଯ୍ୟ କରିବ, ଯଦ୍ଦ୍ୱାରା ବାଳିକା ଓ ମହିଳାମାନଙ୍କ ଆବଶ୍ୟକତା ସୁସଂହତ ଭାବେ ପୂରଣ ହେବ ।

ଏହି ନୀତି ପ୍ରଣୟନ ସମୟରେ ନୀତି ନିର୍ଦ୍ଧାରଣର ମାନକ ରୂପେ ୧୯ ଗୋଟି ରାଜ୍ୟସ୍ତରୀୟ ଏବଂ ୨୮ ଗୋଟି ଜିଲ୍ଲାସ୍ତରୀୟ ଏପରି ୪୭ଗୋଟି ପରାମର୍ଶକୁ ଆଧାର କରାଯାଇଥିଲା । ଏହି ପରାମର୍ଶଗୁଡିକର ସିଦ୍ଧାନ୍ତକୁ ଆଧାର କରିବା ସହ ଯୋଜନାର ଡେସ୍କ ସମୀକ୍ଷା, ରାଜ୍ୟରେ ଥିବା ବାଳିକା ଓ ମହିଳାମାନଙ୍କ ନିମନ୍ତେ ଗୃହୀତ କାର୍ଯ୍ୟକ୍ରମ ଓ ପଦକ୍ଷେପ ଏବଂ ସ୍ୱାସ୍ଥ୍ୟ ଓ ସାମାଜିକ ବିକାଶ ସୂଚକାଙ୍କଗୁଡିକରେ ଥିବା ଲିଙ୍ଗଗତ ପ୍ରଭେଦକୁ ଦୃଷ୍ଟିରେ ରଖି ଏହି ନୀତିର ମୂଳଭିତ୍ତି ପ୍ରସ୍ତୁତ କରାଯାଇଥିଲା । ଚିଠା ନୀତି ପ୍ରଣୟନ କାଳରେ ଏହା ବିଭିନ୍ନ ବିଭାଗୀୟ ପରାମର୍ଶ ଲୋଡିଥିଲା ଏବଂ ପ୍ରତ୍ୟେକ ବିଭାଗ ଆଧାରରେ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଦେଶାବଳୀ ଉପରେ ତଥ୍ୟ ଆହରଣ ସକାଶେ ବୈଠକମାନ ଅନୁଷ୍ଠିତ ହୋଇଥିଲା । ଏହି ନୀତି ନିର୍ଦ୍ଧାରଣର ପ୍ରକ୍ରିୟାରେ ନାଗରିକ ସମାଜ ସଂଗଠନର ସଦସ୍ୟ, କ୍ଷେତ୍ରୀୟ ଅଭିଜ୍ଞ ବ୍ୟକ୍ତିବିଶେଷ, ଶିକ୍ଷିତ ବର୍ଗ, ଛାତ୍ରଛାତ୍ରୀ, ସରକାରୀ କ୍ଷେତ୍ରୀୟ ଅଧିକାରୀଙ୍କର ଅବଦାନ ରହିଥିଲା ।

୭ ଗୋଟି କେନ୍ଦ୍ରୀୟ ବିଭାଗରେ ଥିବା କେତେକ ପ୍ରମୁଖ ସୁପାରିଶ:

୧. ଜୀବନଧାରଣ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ସାଧନ

(କ) ନିର୍ଦ୍ଦିଷ୍ଟ କ୍ଷେତ୍ରୀୟ କାର୍ଯ୍ୟାନୁଷ୍ଠାନଭିତ୍ତିକ ଯୋଜନାଗୁଡିକ ଜରିଆରେ ପ୍ରତିକୂଳ ଶିଶୁ ଲିଙ୍ଗଗତ ଅନୁପାତର ସମାଧାନ, ପ୍ରି କନ୍‌ସେପ୍‌ସନ୍ ଏଣ୍ଡ୍ ପ୍ରି ନାଟାଲ୍ ଡାୟାଗ୍ନୋଷ୍ଟିକ୍ ଟେକ୍‌ନିକ୍ୟୁଜ୍ (ପିସିପିଏନ୍‌ଡିଟି) ଆକ୍ଟ, ୧୯୯୪ର ସକ୍ରିୟ

କାର୍ଯ୍ୟକାରିତା ଏବଂ ବାଳିକାମାନଙ୍କର ମୂଲ୍ୟବୋଧଭିତ୍ତିକ ଉନ୍ନତି ଦିଗରେ ଗୋଷ୍ଠୀଗତ ପ୍ରଚେଷ୍ଟା ସକାଶେ ପ୍ରଚାରପ୍ରସାର ଆୟୋଜନ ।

(ଖ) ଯୌନଗତ, ଗର୍ଭଧାରଣ କାଳୀନ ସ୍ୱାସ୍ଥ୍ୟ ସମସ୍ୟା, ବୟସ ପୂର୍ବରୁ ବିବାହ ଏବଂ ଗର୍ଭଧାରଣକୁ ରୋକିବା ଦିଗରେ ନିର୍ଦ୍ଦିଷ୍ଟ ପଦକ୍ଷେପ ସହ ସୁବିଧାସୁଯୋଗ ଓ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ କିଶୋରୀମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ।

(ଗ) ଆଦୃତି ଲାଭ କରିଥିବା 'ମମତା' ଯୋଜନାରେ କନ୍ୟା ସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ଓ ପିଭିଟିଜି ଅନ୍ତର୍ଗତ ଆଦିବାସୀ ହିତାଧିକାରୀଙ୍କ ନିମନ୍ତେ ବିବାହର ପ୍ରଥମ ପାଂଚ ବର୍ଷ ମଧ୍ୟରେ ଦୁଇଟି ସନ୍ତାନ ଜନ୍ମ ପାଇଁ ଥିବା ସର୍ତ୍ତ କୋହଳ ।

(ଘ) ନିରାପଦ ପ୍ରସବ ବିଶେଷକରି ଅନୁନ୍ନତ ଅଂଚଳରେ ଏପରି ନିରାପଦ ପ୍ରସବ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଦ୍ୱାରା ମାତୃ ମୃତ୍ୟୁହାର ହ୍ରାସ । ମାତୃ ମୃତ୍ୟୁ ଜନିତ ତଥ୍ୟ ସଂପର୍କରେ ବାଧ୍ୟବାଧକତା ।

(ଚ) ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମର ପରିଚାଳନା ଓ ପରିସର ବୃଦ୍ଧି, ଗର୍ଭାଶୟ ଏବଂ ସ୍ତନ କର୍କଟର ପ୍ରତିଷେଧକ ଏବଂ ଚିକିତ୍ସା ବ୍ୟବସ୍ଥା।

୨. ଶିକ୍ଷା

(କ) ପ୍ରତି ବ୍ଲକ୍‌ରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରି ଆବାସିକ ସୁବିଧା ପ୍ରଦାନ ଏବଂ ପୂର୍ବରୁ ଥିବା କେଜିବିଭିଗୁଡିକର ସାମର୍ଥ୍ୟ ବୃଦ୍ଧି କରି ମାଧ୍ୟମିକ ସ୍ତରକୁ ଉନ୍ନୀତ କରିବା ।

(ଖ) ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକସ୍ତରୀୟ ସମସ୍ତ ବାଳିକାମାନଙ୍କୁ ପ୍ରୋତ୍ସାହନ ମୂଳକ ମାଗଣା ପାଠ୍ୟପୁସ୍ତକ ବଣ୍ଟନ, ୟୁନିଫର୍ମ ପ୍ରଦାନ, ନିରାପଦ ଗମନାଗମନର ସୁବିଧା ଏବଂ ବିଦ୍ୟାଳୟ ଦେୟ ଛାଡ ।

(ଗ) ଉଚ୍ଚ ମାଧ୍ୟମିକ ଓ ତତ୍‌ପରବର୍ତ୍ତୀ ଶିକ୍ଷା ଲାଭ ନିମନ୍ତେ ବାଳିକାମାନଙ୍କୁ ମେଧା ଏବଂ ଆର୍ଥିକ ଦୃଷ୍ଟିକୋଣରୁ ବିଚାର କରି ଛାତ୍ରବୃତ୍ତି ପ୍ରଦାନ ।

(ଘ) ଜୁନିଅର୍ କଲେଜ, ଡିଗ୍ରୀ କଲେଜ ଓ ବିଶ୍ୱ ବିଦ୍ୟାଳୟର ବାଳିକାମାନଙ୍କ ନିମନ୍ତେ ପାଂଚ ବର୍ଷ ପାଇଁ ଆବାସିକ ସୁବିଧା ବୃଦ୍ଧି ।

(ଚ) ଉପଯୁକ୍ତ ପଦକ୍ଷେପ ଜରିଆରେ ଶିକ୍ଷାନୁଷ୍ଠାନଗୁଡିକର ବାଳିକା ଓ ମହିଳାମାନଙ୍କର ନିରାପତ୍ତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏକ ବଳିଷ୍ଠ ନୀତି ପ୍ରଣୟନ । ଅଧିକ ସଂଖ୍ୟକ ଛାତ୍ରୀ ଥିବା ଶିକ୍ଷାନୁଷ୍ଠାନ ପରିସରରେ ପର୍ଯ୍ୟାପ୍ତ ମହିଳା କର୍ମଚାରୀ ମୁତୟନ । ମାନ୍ୟକ୍ରମର ଉନ୍ନତି, ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଥିବା ସମସ୍ତ ପଦକ୍ଷେପଗୁଡିକର ତଦାରଖ ଏବଂ କୌଣସି ଅସଦାଚରଣ ସଂପର୍କରେ ଜଣାଇବା ।

୩. ଜୀବିକା

ଆନୁଷ୍ଠାନିକ କ୍ଷେତ୍ର

(କ) ମହିଳାମାନଙ୍କର କୌଶଳ ବୃଦ୍ଧି ଏବଂ ନିଯୁକ୍ତି ସମ୍ବନ୍ଧିତ ପ୍ରଶିକ୍ଷଣକୁ ପ୍ରୋତ୍ସାହିତ ଓ ତଦାରଖ କରିବା ନିମନ୍ତେ ଓଡିଶା ରାଜ୍ୟ ନିଯୁକ୍ତି ମିଶନ୍‌ରେ ଏକ ଉତ୍ସର୍ଗୀକୃତ ୟୁନିଟ୍ ସ୍ଥାପନ ।

(ଖ) ସରଳ କାର୍ଯ୍ୟ ନିର୍ଘଣ୍ଟ, ମାତୃତ୍ୱ ସମୟର ସହାୟତା, ଶିଶୁ ଯତ୍ନ ସହାୟତା, ସ୍ୱତନ୍ତ୍ର ଶୌଚାଳୟ ଏବଂ କାର୍ଯ୍ୟକ୍ଷେତ୍ରରେ ନର୍ସରୀ ସୁବିଧା ଦିଗରେ କାର୍ଯ୍ୟକ୍ରମ ।

ଅଣଆନୁଷ୍ଠାନିକ କ୍ଷେତ୍ର

(ଗ) ମହିଳା କୃଷକମାନଙ୍କୁ ପ୍ରୋତ୍ସାହିତ କରିବା । ମହିଳା କୃଷକମାନଙ୍କ ପାଇଁ କୃଷି ସଂପର୍କିତ କାର୍ଯ୍ୟକଳାପରେ ବୈଷୟିକ କୌଶଳ ବୃଦ୍ଧି ଉଦ୍ଦେଶ୍ୟରେ ସଂପୂର୍ଣ୍ଣ ପ୍ରାଧାନ୍ୟ ।

(ଘ) ଶସ୍ୟ, ଆର୍ଥିକ ସେବା, ପ୍ରଯୁକ୍ତି, ନିବେଶ ତଥା ବଜାର ସମ୍ବନ୍ଧରେ ମହିଳା କୃଷକମାନଙ୍କୁ ବ୍ୟାପକ ସହାୟତା ଯୋଗାଇଦେବା ନିମନ୍ତେ ଏକକ ବାତାୟନ ବ୍ୟବସ୍ଥା ।

(ଚ) ମହିଳାମାନଙ୍କ ପାଇଁ ଗୋଷ୍ଠୀକେନ୍ଦ୍ରିତ ଜୀବିକା ଉପରେ ଗୁରୁତ୍ୱ ଦେଇ ଗ୍ରାମ ସ୍ତରରେ ସମ୍ବଳ କେନ୍ଦ୍ରକୁ ପ୍ରୋତ୍ସାହନ ।

(ଛ) ବାଳିକା ଓ ମହିଳାମାନଙ୍କର ଅଧିକାର ଓ ସେମାନଙ୍କୁ ପ୍ରଦତ୍ତ ବିଶେଷ ସୁବିଧାର ସୁରକ୍ଷା ନିମନ୍ତେ ସେମାନଙ୍କୁ ସକ୍ଷମ କରିବା ନିମନ୍ତେ ଉତ୍ସ ଓ ଲକ୍ଷ୍ୟ ସ୍ଥଳରେ ବାହ୍ୟ ସହାୟତା ପ୍ରଦାନ ।

(ଜ) କୁଟୀର ଶିଳ୍ପ, ପାରମ୍ପରିକ ହସ୍ତଶିଳ୍ପ, ହସ୍ତତନ୍ତ ଏବଂ କୌଳିକ ବୃତ୍ତି ଯଥା ମତ୍ସ୍ୟଚାଷ, ଗୋପାଳନ, କୁକୁଡା ପାଳନ ଓ ପ୍ରାଣୀସଂପଦ କ୍ଷେତ୍ରରେ ତାଲିମ୍ ଏବଂ ବୈଷୟିକ କୌଶଳକୁ ପ୍ରୋତ୍ସାହନ ।

୪. ସଂପତ୍ତି ମାଲିକାନା

(କ) ମହିଳାମାନଙ୍କ ନାମରେ କ୍ରୟ ହୋଇଥିବା ଜମି ଓ ଗୃହ ଏବଂ ସେମାନଙ୍କୁ ଉପହାର ସ୍ୱରୂପ ପ୍ରଦତ୍ତ ସ୍ଥାବର ସଂପତ୍ତି ଦଲିଲ୍‌ର ପଂଜୀକରଣ ନିମନ୍ତେ ଷ୍ଟାମ୍ପ ଶୁଳ୍କ ହ୍ରାସ ।

(ଖ) ଗ୍ରାମାଚଂଳରେ ଥିବା ସ୍ୱଳ୍ପ ରୋଜଗାରୀ ମହିଳା, ଯେଉଁମାନଙ୍କର କୌଣସି ଗୃହ/ଫ୍ଲାଟ୍ କିମ୍ବା ବାସୋପଯୋଗୀ ଜମି ନଥିବ ଅଥବା ସେମାନେ (କ) ୪୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବିଧବା, ଅବିବାହିତା, କୋର୍ଟ କିମ୍ବା ପ୍ରଥା ଜନିତ ଆଦେଶ ବଳରେ ଛାଡପତ୍ର ପାଇଥିବା ମହିଳା କିମ୍ବା ସ୍ୱାମୀ ପରିତ୍ୟକ୍ତା ହୋଇଥିବେ କିମ୍ବା (ଖ) ଯେଉଁ ମହିଳାମାନେ ୩୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ଏବଂ ସେମାନେ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିବେ ସେମାନଙ୍କୁ ୪ ଡିସିମିଲ୍ ପରିମିତ ବାସୋପଯୋଗୀ ଜମି ପ୍ରଦାନ ।

(ଗ) ଉତ୍ପାଦନଭିତ୍ତିକ କାର୍ଯ୍ୟକ୍ରମ ନିମନ୍ତେ ମହିଳା ଗୋଷ୍ଠୀଙ୍କ କ୍ଷେତ୍ରରେ ସ୍ୱଳ୍ପ ଦରରେ ଜମି ଲିଜ୍ ବୃଦ୍ଧି । କୃଷି ଓ ଉଦ୍ୟାନକୃଷି ଉଦ୍ଦେଶ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମୟିକ ଲିଜ୍ ଆଧାରରେ ଚାଷୋପଯୋଗୀ ସରକାରୀ ଜମି ପ୍ରଦାନ ।

୫. ନିଷ୍ପତ୍ତି ଗ୍ରହଣ, ଅଂଶ ଗ୍ରହଣ ଏବଂ ରାଜନୈତିକ ପ୍ରତିନିଧିତ୍ୱ

(କ) ଗ୍ରାମ ପଂଚାୟତ ସ୍ତରରେ ମହିଳା ସଭା ଗଠନ, ପଲ୍ଲୀ ଏବଂ ଗ୍ରାମସଭାରେ ଅଂଶଗ୍ରହଣକୁ ପ୍ରୋତ୍ସାହନ । ବାଳିକା ଓ ମହିଳାମାନଙ୍କ ସମସ୍ୟା ତଥା ସେମାନଙ୍କ କ୍ଷେତ୍ରରେ ଘଟୁଥିବା ହିଂସାକୁ ପଲ୍ଲୀସଭା ଓ ଗ୍ରାମସଭାରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ରୂପେ ଉପସ୍ଥାପନ ।

(ଖ) ମହିଳାମାନଙ୍କୁ ପ୍ରତ୍ୟକ୍ଷ ଅଂଶଗ୍ରହଣରୁ ବଂଚିତ କରୁଥିବା କୌଣସି ବାଛବିଚାରକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଓଡିଶା ଗ୍ରାମ ପଂଚାୟତ, ପଂଚାୟତ ସମିତି ଏବଂ ଜିଲ୍ଲା ପରିଷଦ ନିୟମ ଓ ଅଧିନିୟମରେ ଯଥୋଚିତ ସଂଶୋଧନ ।

(ଗ) ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱୀକୃତି ଓ ପୁରସ୍କାରର ପ୍ରଚଳନ ।

୬. ନିରାପତ୍ତା ଓ ସୁରକ୍ଷା

(କ) ବାଳିକା ଓ ମହିଳାମାନଙ୍କ କ୍ଷେତ୍ରରେ ଘଟୁଥିବା ହିଂସା ସଂପର୍କିତ ଘଟଣାଗୁଡିକର ନିରାକରଣ, ତଦାରଖ ଏବଂ ତଦନ୍ତ ସହାୟତା ନିମନ୍ତେ ଗୃହ ବିଭାଗରେ ଏକ କ୍ଷମତାପ୍ରାପ୍ତ ୟୁନିଟ୍ ପ୍ରତିଷ୍ଠା ।

(ଖ) ହିଂସାର ଶୀକାର ହୋଇଥିବା ମହିଳାମାନଙ୍କ ନିମନ୍ତେ ୱାନ୍ ଷ୍ଟପ୍ କ୍ରାଇସିସ୍ ସେଣ୍ଟର୍ ପ୍ରତିଷ୍ଠା । ବାଳିକା ଓ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଯୌନ ଉତ୍ପୀଡନ କ୍ଷେତ୍ରରେ ଉପଯୁକ୍ତ ଚିକିତ୍ସା–ନ୍ୟାୟିକ ସହାୟତା ନିମନ୍ତେ ଉଚିତ୍ ପଦକ୍ଷେପ ଗ୍ରହଣ ।

(ଗ) ହିଂସାର ଶୀକାର ହୋଇଥିବା ବାଳିକା ଓ ମହିଳାମାନଙ୍କୁ ପରାମର୍ଶ ଦେବା, ସେମାନଙ୍କର ନିରାପଦ ରହଣୀ, ପୁନଃ ଥଇଥାନ ଏବଂ ସାମାଜିକ ସହାବସ୍ଥାନ ପାଇଁ ତଥା ସେମାନଙ୍କ ସୁରକ୍ଷା ନିମନ୍ତେ ଏକ ଯୋଜନାର ପ୍ରଣୟନ ଓ କାର୍ଯ୍ୟକାରିତା ।

(ଘ) ବିବାହର ସାର୍ବଜନୀନ ପଂଜୀକରଣ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ ।

(ଚ) ହିଂସା ଘଟଣା ଏବଂ ବାଳିକା ଓ ମହିଳା ଚାଲାଣ ସଂପର୍କରେ ଅନୁସନ୍ଧାନ, ତଦାରଖ ଓ ବିବରଣୀ ପ୍ରଦାନ କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆଇନ୍‌ଗତ ସହାୟତା ଯୋଗାଇ ଦେଉଥିବା କର୍ମୀ ରୂପେ ସାମିଲ୍ କରିବା ଏବଂ ଗୋଷ୍ଠୀସ୍ତରୀୟ ମଂଚ ଗଠନ ନିମନ୍ତେ ପ୍ରୋତ୍ସାହନ ଦେବା ।

୭. ସ୍ୱତନ୍ତ୍ର ଆବଶ୍ୟକତା ଅନୁଭବ କରୁଥିବା ବାଳିକା ଓ ମହିଳା

(କ) ଅନାଥ ଶିଶୁ ଓ ପରିତ୍ୟକ୍ତ ବାଳିକାମାନଙ୍କର ଯତ୍ନ, ସୁରକ୍ଷା, ଶିକ୍ଷା ଓ ସାମଗ୍ରିକ ବିକାଶ ନିମନ୍ତେ ସର୍ବାଧିକ ଗୁରୁତ୍ୱ ପ୍ରଦାନ ।

(ଖ) ସ୍ୱତନ୍ତ୍ର ସହାୟତା ଲୋଡୁଥିବା ବାଳିକା ଓ ମହିଳାମାନଙ୍କ ଯଥାଯଥ ନିଯୁକ୍ତି ପାଇଁ ନିଯୁକ୍ତି ସୁଯୋଗ ଥିବା କୌଶଳ ବୃଦ୍ଧି ଓ ପ୍ରଶିକ୍ଷଣ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପ୍ରଚଳନ । ଦୁଃଖରେ କାଳାତିପାତ କରୁଥିବା, ବିଭିନ୍ନ ଅନୁଷ୍ଠାନରେ ଥିବା, ପୂର୍ବ ପରିଚିତ ଏବଂ ନ୍ୟାୟ ପାଇଁ ଲଢେଇ କରୁଥିବା ବାଳିକା ଓ ମହିଳାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ୍ କରିବା ସହ ସେମାନଙ୍କ ସମସ୍ୟା ସମାଧାନ ସକାଶେ ସ୍ୱତନ୍ତ୍ର ପଦକ୍ଷେପ ।

(ଗ) ଭିନ୍ନକ୍ଷମ ମହିଳା ସାମିଲ୍ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ସହରାଚଂଳ ବସ୍ତିବାସିନ୍ଦା ମହିଳା, ସଂଖ୍ୟାଲଘୁ ସଂପ୍ରଦାୟର ମହିଳା, ଦୁର୍ଦ୍ଦଶା ତଥା ସମସ୍ୟା ଜର୍ଜରିତ ମହିଳା ଏବଂ ବିଭିନ୍ନ ଅନୁଷ୍ଠାନରେ ଆଶ୍ରୟ ନେଇଥିବା ମହିଳାଙ୍କ ସାମୂହିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ।

❖ ❖ ❖